# Akashvani, Sambalpur

## SAMBALPURI NEWS EVENING BULLETIN

## 19 April 2026-7.02- 7.12 pm.

---

୧- ବିକଶିତ ଭାରତ୍‌ର ପରିକଳ୍ପନା, ପୂର୍ବୋଦୟର୍ ବିକାଶ୍ ଓଡ଼ିଶା ନ ମୁଲ୍ ହେଇଛେ- କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ଇନ୍‌ଫୋଭେଲି -୨ ଠାନେ ଭାରତ୍‌ର ପହେଲା ଅତ୍ୟାଧୁନିକ ଥ୍ରିଡି ଗ୍ଲାସ୍ ସେମିକଣ୍ଡକ୍ଟର୍ ପେକେଜିଂ ପ୍ରକଳ୍ପର୍ କଲେ ଶିଲାନ୍ୟାସ୍ ।

୨- ଓଡ଼ିଶାକେ ଶିଳ୍ପ ସମୃଦ୍ଧ କର୍‌ବାର୍ ଆଉ ଆଇ.ଟି ହବ୍ ଭାବେ ବିକଶିତ୍ କର୍‌ବାର୍ ଲାଗି ଚେରେଷ୍ଟା ଜାରି ରହେବା ବଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର୍ ସୂଚ୍‌ନା ।

- ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍ ନ ଚାଲିଥିବା ଭିନ୍ ଉନ୍ନୟନ୍ କାମ୍‌ର କଲେ ସମୀକ୍ଷା ।

ଆଉର୍

୩- ଯକୃତ ଯତନ୍ ଆଉ ସମସ୍ୟା ବାବ୍‌ଦେ ସଚେତନତା ସୃଷ୍ଟି ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଯକୃତ ଦିବସ

ମୁଖ୍ୟମନ୍ତ୍ରୀ -ବିକଶିତ ଭାରତ୍        ଆର୍ଏନ୍ୟୁ/ କଟକ୍

ବିକଶିତ୍ ଭାରତ୍‌ର ପରିକଳ୍ପନା, ପୂର୍ବୋଦୟର୍ ବିକାଶ୍ ଖାସ୍ କରି ଓଡ଼ିଶା ନ ମୁଲ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଇନ୍‌ଫୋଭ୍ୟାଲି -୨ ନ ଆଏଜ୍ ଦେଶର୍ ପହେଲା ଅତ୍ୟାଧୁନିକ୍ ଥ୍ରିଡି ଗ୍ଲାସ୍ ସେମିକଣ୍ଡକ୍ଟର୍ ପେକେଜିଂ ପ୍ରକଳ୍ପର୍ ଶିଲାନ୍ୟାସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଇଟା ଦେଶର୍ ପହେଲା ଅତ୍ୟାଧୁନିକ୍ ଥ୍ରିଡ଼ି ପେକେଜିଂ ପ୍ରକଳ୍ପ ହେବା । ପୁର୍‌ଥିର୍ ବଡ଼ ବଡ଼ କମ୍ପାନୀ ଇଂଟେଲ୍, ଲଖେଟ୍ ମାଟିନ୍ ଆଉ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ବାଗିର୍ ପ୍ରତିଷ୍ଠାନ୍ ଓଡ଼ିଶା ନ ଥ୍ରିଡ଼ି ଗ୍ଲାସ୍ ସମାଧାନ୍ ସାଙ୍ଗେ ଜଡ଼ିତ୍ ଇ ପ୍ରକଳ୍ପ ମୁଲ୍ କର୍‌ବା । ଇ ପ୍ରକଳ୍ପ ଲାଗି  ସର୍‌କାର୍ ୨ ହଜାର୍ କୋଟି ଟଙ୍କା ନିବେଶ୍ କରୁଛନ୍ ଆର୍ ଇଥି ୨୫ ଶହ ନିଯୁକ୍ତି ସୁଯୋଗ୍ ମିଲିପାର୍‌ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଅଶ୍ୱିନୀ ବୈଷ୍ଣବ ଆର୍‌ଏନ୍‌ୟୁ/ କଟକ୍

ଭାରତ୍ ନ ଗଲା ୧୨ ବଛର୍ ଭିତ୍‌ରେ ଇଲେକ୍ଟ୍ରୋନିକ୍ସ୍ ଉତ୍ପାଦନ୍ କ୍ଷେତ୍ର ୬ ଗୁନା ବଢ଼ିଥିବାର୍ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ୍ ଆଉ ପ୍ରଯୁକ୍ତିବିଦ୍ୟାମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଭାରତ୍ ଇହାଦେ ଇଲେକ୍ଟ୍ରୋନିକ୍ସ୍ କ୍ଷେତ୍ରଥି ବିଶ୍ୱ ନେତୃତ୍ୱ ନେବାର୍ ସ୍ତର୍‌କେ ଯାଉଛେ । ଭୁବ୍‌ନେଶ୍ୱର୍ ଇନ୍‌ଫୋଭେଲି -୨ ନ ଥ୍ରିଡ଼ି ଗ୍ଲାସ୍ ପେକେଜିଂ ୟୁନିଟ୍‌ର ଶିଲାନ୍ୟାସ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଇ ପ୍ରକଳ୍ପ ଅତ୍ୟାଧୁନିକ୍ ଥ୍ରିଡ଼ି ପେକେଜିଂ ଜ୍ଞାନ୍‌କୌଶଲ୍ ବେଭାର୍ କରିକରି ସେମିକଣ୍ଡକ୍ଟର୍ ଉତ୍ପାଦନ୍ କର୍‌ବା । ଉନ୍ନତ୍ ପ୍ରଯୁକ୍ତିବିଦ୍ୟା ଆଉ ଜ୍ଞାନ୍ କୌଶଲ୍‌କେ ବେଭାର୍ କରିକରି ଭାରତ୍ ଇହାଦେ ପୁର୍‌ଥିର୍ ୨ ନମ୍ବର୍ ମୁଖିଆ ମୋବାଇଲ୍ ଉତ୍ପାଦନ୍‌କାରୀ ଭାବେ ଉଭା ହେଇଛେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍-୨)

ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଓଡ଼ିଶାର୍ ୨୬ ଟା ଜିଲ୍ଲାକେ ରେଲ୍ ସଂଯୋଗ୍ ହେଇଛେ । ବାକିଥିବା ଆଉ ୪ ଟା ଜିଲ୍ଲାକେ ରେଲ୍ ସଂଯୋଗ୍ କରାଯିବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍-ରେଲ୍)

ଭୁବ୍‌ନେଶ୍ୱର୍ ନ ବିକଶିତ୍ ହେଇଥିବା ନୂଆଁ ରେଲ୍‌ଷ୍ଟେସନ୍ ବାଗିର୍ ଆଏବା ଦିନେ ଓଡ଼ିଶା ନ ଆହୁରି ୫୯ ଟା ଅତ୍ୟାଧୁନିକ୍ ରେଲ୍‌ଷ୍ଟେସନ୍ ଲାଗି ବିକାଶ୍ କାମ୍ ଜାରି ରହିଛେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ଅଶ୍ୱିନୀ ବୈଷ୍ଣବ୍ ସମୀକ୍ଷା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ଅମୃତ୍ ଭାରତ୍ ଷ୍ଟେସନ୍ ଅଧୀନ୍‌ଥି ଭୁବନେଶ୍ୱର୍ ରେଲ୍‌ଷ୍ଟେସନ୍ ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ । ଉନ୍ନତ ଯାତ୍ରୀ ସୁବିଧା ବଢ଼ାବାର୍ ଉନ୍ନତ ସର୍କୁଲେସନ୍ ଏରିଆ ଆଉ ଆଧୁନିକ ବିମାନ୍ ବନ୍ଦର୍ ବାଗିର୍ ସୁବିଧା ସହେତେ ଯାତ୍ରୀ କୈନ୍ଦ୍ରିକ ଉନ୍ନତିକରଣ୍‌ର ଅଗ୍ରଗତି ବାବ୍‌ଦେ ଶ୍ରୀ ବୈଷ୍ଣବ୍ ବୁଝିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ରାଏଜେ ରେଲ୍ ସଂଯୋଗ୍ ବଢ଼ାବାର୍ ଦିଗେ ସର୍‌କାର୍‌ଙ୍କର୍ ଦୃଢ଼ ପ୍ରତିବଦ୍ଧତା ଉପ୍‌ରେ ଆଲୋକପାତ କରିଥିଲେ । ଇ ପଦକ୍ଷେପ୍ ସବୁ ଆଂଚଲିକ୍

ସଂଯୋଗୀକରଣ୍‌କେ ବର୍‌କସ୍ କର୍‌ବାର୍ ସହେତେ ଅର୍ଥନୈତିକ ଅଭିବୃଦ୍ଧିକେ ସମର୍ଥନ୍ କର୍‌ବା । ରାଜ୍ୟର୍ ସବୁ ଇଲାକା ନ ବିକାଶ୍ ସୁନିର୍ଶ୍ଚିତ୍ କରିକରି ସାରା ରାଏଜେ ରେଲ୍‌ଭିତିଭୂମିର ଉନ୍ନତିକରଣ୍ ଜାରି ରହେବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଜୋର୍ ଦେଇଛନ୍ ।

ଅଭିଭାବକ୍ ଶିକ୍ଷକ୍ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଇ ମାସେ ଖଡ଼ିଛୁଆଁ ଆଉ ବିଦ୍ୟାଳୟ ପ୍ରବେଶ୍ କାର୍ଯ୍ୟକ୍ରମ୍ ହେବାର୍ ଉତ୍‌ରୁ ଆଏବା ୩୦ ତାରିଖ୍ ଦିନ ୨୦୨୬-୨୭ ଶିକ୍ଷା ବଛ୍‌ରର୍ ପହେଲା ଅଭିଭାବକ୍ ଶିକ୍ଷକ୍ ବୈଠକ୍ ହେବା । ରାଜ୍ୟର୍ ସବୁ ବିଦ୍ୟାଳୟମାନ୍‌କେ ସେହିଦିନ ପହେଲା ଅଭିଭାବକ୍, ଶିକ୍ଷକ୍ ଶିକ୍ଷୟିତ୍ରୀ ଆଉ ବିଦ୍ୟାଳୟ ପରିଚାଳନା ଆଉ ଉନ୍ନୟନ୍ କମିଟି ବୈଠକ୍ ଭିଲ୍ ହେବା । ଓସେପା ତର୍‌ଫୁ ବୈଠକ୍ ଆୟୋଜନ୍‌କେ ନେଇକରି ସବୁ ଜିଲ୍ଲା ବ୍ଲକ୍ ଶିକ୍ଷା ଅଧିକାରୀ ଆଉ ପ୍ରଧାନ୍ ଶିକ୍ଷକ୍‌ମାନ୍‌କୁ ଜନେଇ ଦିଆଯାଇଛେ ।

## ଅକ୍ଷୀ ତୃତୀୟା-ରଥତିଆରି କାମ୍ ଅନୁକୂଳ/ଆର୍‌ଏନ୍‌ୟୁ ସମ୍ବଲପୁର

ପବିତ୍ର ଅକ୍ଷୀ ତୃତୀୟା ଅବ୍‌ସରେ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରା ଲାଗି ରଥତିଆରି କାମ୍‌ର ଅନୁକୂଳ ଥଲଇ ମାହାପୁରୁମାନ୍‌କର୍ ୨୧ ଦିନିଆ ବାହାର ଚନ୍ଦନ୍ ଯାତ୍ରା ମୁଲ୍ ହେବା । ଅକ୍ଷୀତୃତୀୟା ଅବ୍‌ସରେ ରଥ୍‌ଯାତ୍ରା ଲାଗି ୩ ଟା ଧଉରାକାଠ ଶ୍ରୀମନ୍ଦିର୍ ପଶାସନ୍ କାର୍ଯ୍ୟାଳୟ ଆଗାଡ଼େ ରଖାଯିବାର୍ ସହେତେ ରଥ ତିଆରି କାମ୍ ମୁଲ୍ କରାଯିବା । ଇଥିର୍‌ଲାଗି ଭକ୍ତମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ ।
ସେଆଡ଼େ ସମ୍ବଲ୍‌ପୁର୍ ସହେତେ ପର୍ଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗାର ଶୈବପୀଠମାନ୍‌କେ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ପହେଲା କାର୍ଯ୍ୟକ୍ରମ୍ ଥାଲ୍‌ଉଠା ମୁଲ୍ ହେବା ।

ବିଶ୍ୱ ଯକୃତ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର

ଯକୃତ୍‌ର ଠିକ୍ କରି ଯତନ୍ ନେବାର ଆଉ ଇତାର୍ ସମସ୍ୟା ବିଶେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଯକୃତ୍ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'କଠିନ୍ ଅଭ୍ୟାସ୍ : ସୁସ୍ଥ ଯକୃତ' ।

ସାରା ପୁର୍‌ଥି ନ ପାଖାପାଖି ଦେଢ଼ ନିୟତ ଲୋକ୍ ଦୀର୍ଘକାଳୀନ ଯକୃତ ରୋଗ୍‌ଥି ପିଡ଼ିତ୍ ହେଇଥିବାର୍ ବେଲେ ବଛର୍‌କ ୧୨ ଲାଖ୍ ରୋଗୀଙ୍କର୍ ଜୀବନ୍ ଯାଉଥିବାର୍ ଜନାପଡ଼ିଛେ । ସୁସ୍ଥ ଖାଦ୍ୟ ଅଭ୍ୟାସ୍, ବ୍ୟାୟାମ୍, ନିଶା ସେବନ୍ ନାଇଁ କର୍‌ବାର୍ ଆଉ ପ୍ରାରମ୍ଭିକ୍ ଯାଂଚ୍ ଜରିଏ ଫ୍ୟାଟି ଲିଭର୍ ଆଉ ଲିଭର୍ ସିରୋସିସ୍ ବାଗିର୍ ଯକୃତ ରୋଗ୍‌କେ ପ୍ରତିରୋଧ୍ କରାଯାଇପାର୍‌ବା ।

ବିଶ୍ୱ ଯକୃତ୍ ଦିବସ୍ ଅବ୍‌ସରେ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ନାଗରିକ୍‌ମାନ୍‌କୁ ସ୍ୱାସ୍ଥ୍ୟ ଲାଗି ସଚେତନ୍ ହେବାର୍ ସହେତେ ଗୁଟେ ସୁସ୍ଥ ଯକୃତ୍ ଆଉ ସୁସ୍ଥ ଭବିଷ୍ୟତ୍ ଲାଗି ଠିକ୍ ନିଷ୍ପତି ନେବାର୍‌କେ ଆହ୍ୱାନ୍ ଦେଇଛନ୍ । ଗୁଟେ ସୁସ୍ଥ ଯକୃତ୍ ସୁସ୍ଥ ଜୀବନ୍‌ର ଚାବିକାଠି ଆଏ ବଲି ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ନଡ୍ଡା କହିଛନ୍ ।

ସ୍କୁଲ୍ ଛୁଟି ଗ୍ରୀଷ୍ମପ୍ରବାହ          ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଥିବାର୍‌ନୁ ଲୁକ୍‌କୁ ସେଥୁ ସୁରକ୍ଷା ଦେବାର୍ ଲାଗି ସର୍କାର୍ ଅଏତ୍କା ଆଶ୍ରୟସ୍ଥଳୀର୍ ତିଆର୍ କର୍‌ବେ । ରାଜସ୍ୱ ବିଭାଗ୍‌ର ମାର୍ଗଦର୍ଶିକା ଅନ୍‌ସାରେ ଜିଲ୍ଲାପାଲ୍‌ମାନେ ଆଶ୍ରୟସ୍ଥଳୀ ତିଆର୍ କର୍‌ବାର୍ ଲାଗି ନିଷ୍ପତି ନେଇପାର୍‌ବେ ବଲି କୁହାଯାଇଛେ । ତାତି ବଢୁଥିବାର୍‌ନୁ ରାଏଜେ ସ୍କୁଲ୍ ଛୁଟି ଲାଗି ରାଜସ୍ୱ ଆଉ ଗଣଶିକ୍ଷା ବିଭାଗ୍ ଭିତ୍‌ରେ ଆଲୋଚନା ହେଇଛେ ।  ଜିଲ୍ଲାପାଲ୍‌ମାନ୍‌କୁ ଇ ବାବ୍‌ଦେ ନିଷ୍ପତି ନେବାର୍ ଲାଗି କୁହାଯାଇଛେ ।

ଖରା- ସ୍କୁଲ୍‌ଛୁଟି          ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରାକେ ନଜର୍‌ଥି ରଖିକରି ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ନିର୍ଦ୍ଦେଶ୍‌ଥି

ଜିଲ୍ଲାର୍ ସବୁ ବିଦ୍ୟାଲୟକେ ଆଏବା କାଏଲ୍ ଠାନୁ ୨୩ ତାରିଖ୍‌ତକ୍ ୪ ଦିନ୍ ଲାଗି ବନ୍ଦ୍ ରଖିବାର୍ ଲାଗି ଘୋଷ୍‌ନା କରାଯାଇଛେ । ଇ ସମିଆଥି ସବୁ ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ୍, କଲେଜ୍ ଆଉ ବୈଷୟିକ ପ୍ରତିଷ୍ଠାନ୍ ବନ୍ଦ୍ ରହେବା ଆଉ ଇ ସମିଆ ଭିତ୍‌ରେ ହେବାର୍‌କେ ଥିବା ପରୀକ୍ଷା ସବୁ ଜାରି ରହେବା ବଲି କୁହାଯାଇଛେ ।

ସମ୍ବଲ୍‌ପୁର, ବୌଦ୍ଧ, ସୁବର୍ଣ୍ଣପୁର୍, ଝାର୍‌ସୁଗୁଡ଼ା ଜିଲ୍ଲା ନ ଆଏବା କାଏଲ୍‌ଠାନୁ ୨୨ ତାରିଖ୍‌ତକ୍ ଛୁଟି ଘୋଷ୍‌ନା କରାଯାଇଥିବାର୍ ବେଲେ କଲାହାଣ୍ଡି, ବଲାଙ୍ଗିର୍, ନୂଆପଡ଼ା ଜିଲ୍ଲା ନ ୨୧ ତାରିଖ୍‌ତକ୍ ସବୁ ସ୍କୁଲ୍ କଲେଜ୍ ବନ୍ଦ୍ ରହେବା ବଲି ଘୋଷ୍‌ନା କରାଯାଇଛେ ।

ବିଶ୍ୱ ସୂତ୍ର -ପୁର୍‌ଥି ଲାଗି ଭାରତ୍‌ର ବୁଣାକାର ଏନ୍‌ଏସ୍‌ଡି

ବୟନ ଶିଳ୍ପ ମନ୍ତ୍ରଣାଳୟ ତର୍‌ଫୁ ବିଶ୍ୱ ସୂତ୍ର -ପୁର୍‌ଥି ଲାଗି ଭାରତ୍‌ର ବୁଣାକାର୍ ନାଁଥି ଗୁଟେ ନୂଆଁ ପଦକ୍ଷେପ୍ ମୁଲ୍ କରାଯାଇଛେ । ଇ ଚେରେଷ୍ଟା ଉପ୍‌ରେ ଆଧାରିତ୍ ଗୁଟେ ଡିଜାଇନ୍‌ର ସଂଗ୍ରହକେ ଭୁବ୍‌ନେଶ୍ୱର୍ ନ ଆୟୋଜିତ୍ ହେଇଥିବା ୬୧

ନମ୍ବର୍ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାଥି ଉପସ୍ଥାପିତ୍ କରାଯାଇଥିଲା । ଇତାର୍ ଜରିଏ ଭାରତୀୟ ହସ୍ତତନ୍ତକେ ଗୁଟେ ସାମୟିକ ବିଶ୍ୱ ଢାଂଚାକେ ଉପସ୍ଥାପନ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଇଥିର୍ ଦେଶର୍ ୩୦ ଟା ରାଜ୍ୟର୍ ୩୦ ପ୍ରକାରର୍ ହସ୍ତତନ୍ତ ବୁଣାକାମ୍‌କେ ସାମିଲ୍ କରାଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଏସ୍ଏମ୍ସି -ସ୍ୱଚ୍ଛ ସର୍ବେକ୍ଷଣ୍          ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ମହାନଗର୍ ନିଗମ୍ ଇଲାକା ନ ଆଏବା ମାସ ୧ ତାରିଖ୍ନୁ ସ୍ୱଚ୍ଛ ସର୍ବେକ୍ଷଣ୍ ମୁଲ୍ ହେବା ବଲି ମହାନଗର୍ ନିଗମ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଇ ବଛର୍ ସର୍ବେକ୍ଷଣ୍ଥି ଲୁକ୍କୁ ସଚେତନ୍ କର୍ବାର୍ ସହେତେ ଜନଭାଗିଦାରୀ ଉପ୍ରେ ଅଏତ୍କା ଜୋର୍ ଦିଆଯାଉଛେ । ଏସ୍ଏମ୍ସି ସାରାଦେଶେ ୩ ନୁ ୫ ଲାଖ୍ ଜନସଂଖ୍ୟା ଥିବା ସହର୍ ସ୍ୱଚ୍ଛ ସର୍ବେକ୍ଷଣ୍ ବର୍ଗଥି ଭାଗ୍ ନେଉଛେ । ଗଲାବଛର୍ ସହର୍ ସାରାଦେଶେ ଶହେ ୧୪ ନମ୍ବର୍ ଆଉ ରାଏଜେ ୧୨ ନମ୍ବର୍ ଠାନେ ଥିଲା ।

ପାଣିପାଗ        ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଗରମ୍ ଆଉ ଗୁଲ୍‌ଗୁଲି ପାଗ୍ ଜାରି ରହିଛେ । ଆଏବା ୬ ନୁ ୭ ଦିନ୍‌ତକ୍ ଦିନର୍ ତାପମାତ୍ରାଥି କେନ୍‌ସି ପ୍ରକାରର୍ ବଡ଼ ପରିବର୍ତନ୍‌ର ସମ୍ଭାବନା ନାଇଁନ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୧୦ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।